# ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ, ଆଠଗଡ଼

କଟକ, ଓଡ଼ିଶା, ପିନ୍-୭୫୪୦୨୯, ଫୋନ୍ ନଂ-୦୬୭୨୩ ୨୨୦୩୬୯

Email-athgarhnac@rediffmail.com


ସଂଖ୍ୟା- ୪୭୪ ତାରିଖ- ୦୨.୦୩.୨୦୨୫

## ନିଲାମ ନୋଟିସ୍

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଯେ ଆଠଗଡ଼ ବିଜ୍ଞାପିତ ଅଂଚଳ ପରିଷଦର ନିମ୍ନଲିଖିତ ସୈରାତ ଗୁଡ଼ିକର ସନ ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ତା.୨୫/୦୩/୨୦୨୫ ରିଖରେ ଜଉମୁଦା ନିଲାମ ପେପର ମାଧ୍ୟମରେ ନିଲାମ ଦିଆଯିବା ପାଇଁ ସ୍ଥିର କରାଯାଇଛି । ଉକ୍ତ ନିଲାମରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତି/ଅନୁଷ୍ଠାନ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ପରିଷଦ କାର୍ଯ୍ୟାଳୟରେ ନିର୍ଦ୍ଦିଷ୍ଟ ସମୟରେ ଉପସ୍ଥିତ ରହି ନିଲାମ କାର୍ଯ୍ୟରେ ଭାଗ ନେଇପାରିବେ ।

| Sl. No. | Name of the Sairat | Upset Price for the year 2023-24 (in Rs.) | Amount of Security Deposit (in Rs.) |
|---|---|---|---|
| 1 | Padma Pokhari | 26,000.00<br>(3 years leased up to March 2028) | 2,600.00 |
| 2 | Laxmi Bazar Daily Market | 3,10,500.00 | 31,000.00 |
| 3 | Durga Bazar Daily Market | 3,22,000.00 | 32,000.00 |
| 4 | Kantol Weekly Market | 47,000.00 | 4,700.00 |
| 5 | Meat Stall at Kantol | 350.00 | 100.00 |
| 6 | Meat Stall at Athgarh | 23,000.00 | 2,300.00 |
| 7 | Hemamalapur Tank | 450.00 | 100.00 |
| 8 | Birakishorepur Tank | 750.00 | 100.00 |
| 9 | Kantol Cycle Stand | 400.00 | 100.00 |
| 10 | Old Bus Stand Cycle Stand | 26,000.00 | 2,600.00 |

### ନିୟମାବଳୀ

୧. ନିଲାମରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି/ଅନୁଷ୍ଠାନ ପରିଷଦ କାର୍ଯ୍ୟାଳୟରୁ ବିନାମୂଲ୍ୟରେ ନିଲାମ ପେପର ତା.୧୨.୦୩.୨୦୨୫ ରିଖରୁ ତା.୨୪.୦୩.୨୦୨୫ ରିଖ (ଛୁଟିଦିନ ବ୍ୟତୀତ) ପ୍ରତ୍ୟେହ ସକାଳ ଘ୧୦.୩୦ମି. ଠାରୁ ଅପରାହ୍ନ ଘ.୫.୩୦ମି. ସମୟ ମଧ୍ୟରେ ଦାୟିତ୍ୱପ୍ରାପ୍ତ କର୍ମଚାରୀଙ୍କ ନିକଟରୁ ଗ୍ରହଣ କରି ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ସେହି ସମୟ ମଧ୍ୟରେ ଦାଖଲ କରିପାରିବେ ।

୨. ଜଉମୁଦା ନିଲାମ ପେପର ତା.୨୫.୦୩.୨୦୨୫ ରିଖ ଅପରାହ୍ନ ୪.୦୦ ଘଟିକା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଇଚ୍ଛୁକ ବ୍ୟକ୍ତି/ଅନୁଷ୍ଠାନ କିମ୍ବା ତାଙ୍କର ମନୋନୀତ ବ୍ୟକ୍ତିବିଶେଷଙ୍କ ସମ୍ମୁଖରେ ଖୋଲାଯିବ ।

୩. ନିର୍ଦ୍ଧାରିତ ସମୟ ଅବଧି ପରେ କୌଣସି ଟେଣ୍ଡର ପେପର ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଗ୍ରହଣ କିମ୍ବା ବିଚାରକୁ ନିଆଯିବ ନାହିଁ ।

Scanned with OKEN Scanner

୪. ନିଲାମ ନେବାପାଇଁ ଇଚ୍ଛୁକ ଥିବା ବ୍ୟକ୍ତି/ଅନୁଷ୍ଠାନ ସୈରାତ ପାଇଁ ଧାର୍ଯ୍ୟ ହୋଇଥିବା ଅମାନତ ରାଶିକୁ ନଗଦ ଅର୍ଥ ଆକାରରେ ଦାଖଲ କରି କାର୍ଯ୍ୟାଳୟରୁ ରସିଦ୍ ପ୍ରାପ୍ତ କରିବେ ।

୫. ନିଲାମ ପେପର ଦାଖଲ କରିବା ସମୟରେ ସଂପୃକ୍ତ ବ୍ୟକ୍ତିଙ୍କର ଆଧାରକାର୍ଡ଼ର ନକଲ ଏବଂ ଅମାନତ ରାଶିର ରସିଦ୍ ବନ୍ଦ୍ ଲଫାପାରେ ଦାଖଲ କରିବେ ।

୬. ଏକଗୋଟି ସୈରାତ ପାଇଁ ୧ ଜଣରୁ ଅଧିକ ବ୍ୟକ୍ତି/ଅନୁଷ୍ଠାନ ନିଲାମରେ ଭାଗ ନେଇପାରିବେ ।

୭. ନିଲାମ ସିଦ୍ଧ ହେବା ପରେ ଯେଉଁ ବ୍ୟକ୍ତି/ଅନୁଷ୍ଠାନ ଯୋଗ୍ୟ ବିବେଚିତ ହେବେ ସେ ସମସ୍ତ ନିଲାମ ଅର୍ଥକୁ ସେହି ଦିନ ଅର୍ଥାତ୍ ତା.୨୫.୦୩.୨୦୨୫ ରିଖ ଅପରାହ୍ନ ୫.୦୦ ଘଟିକା ସମୟ ମଧ୍ୟରେ ବ୍ୟାଙ୍କ୍ ଚେକ୍/ଡ୍ରାଫ୍ଟ/ନଗଦରାଶି ମାଧ୍ୟମରେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଦାଖଲ କରିବେ ।

୮. ନିଲାମରେ ସିଦ୍ଧ ହୋଇଥିବା ବ୍ୟକ୍ତି/ଅନୁଷ୍ଠାନ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମସ୍ତ ଅର୍ଥରାଶି ଦାଖଲ ନକରି ପାରିଲେ ଦାଖଲ କରିଥିବା ଅମାନତ ରାଶିକୁ ବ୍ୟାଜାପ୍ତି କରାଯିବା ସଙ୍ଗେ ସଙ୍ଗେ ସେକେଣ୍ଡ ହାଇଏଷ୍ଟ ବିଡ଼ରଙ୍କୁ ସୁଯୋଗ ଦିଆଯିବ ।

୯. ଅନିବାର୍ଯ୍ୟ କାରଣବଶତଃ ଯେକୌଣସି ସମୟରେ ନିର୍ବାହୀ ଅଧିକାରୀ ନିଲାମକୁ ବାତିଲ କରିପାରିବେ ।

୧୦. ନିଲାମ ସିଦ୍ଧ ହେବା ପରେ ନିଲାମଧାରୀ ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ ଆବଶ୍ୟକୀୟ ସର୍ତ୍ତାବଳୀ ସହ ଚୁକ୍ତିପତ୍ର ସଂପାଦନ କରିବାକୁ ବାଧ୍ୟ ଅଟନ୍ତି । ଏଥିନିମନ୍ତେ ଟ ୨୧/-(ଏକୋଇଶ) ଟଙ୍କାର ନନ୍ ଜୁଡ଼ିସିଆଲ୍ ଷ୍ଟାମ୍ପ ପେପର ମାଧ୍ୟମରେ ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ ଚୁକ୍ତିପତ୍ର ସଂପାଦନ କରିବେ ।

Balang 6/3/25

ନିର୍ବାହୀ ଅଧିକାରୀ

ଏନ୍.ଏ.ସି., ଆଠଗଡ଼

ପରିପତ୍ର ସଂଖ୍ୟା -୪୭୫(୫) ତାରିଖ- ୦୬.୦୩.୨୦୨୫.

ଏହାର ଏକକୀତା ନକଲ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥା, କଟକ/ ଉପଜିଲ୍ଲାପାଳ, ଆଠଗଡ଼/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଆଠଗଡ଼/ ତହସିଲ୍‌ଦାର, ଆଠଗଡ଼/ ଭାରପ୍ରାପ୍ତ ଅଧିକାରୀ, ଆଠଗଡ଼ ଥାନାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ଧାର୍ଯ୍ୟ ନିଲାମ ତାରିଖ ଦିନ କାର୍ଯ୍ୟାଳୟରେ ଆବଶ୍ୟକୀୟ ପୋଲିସ୍ ମୁତୟନ ନିମନ୍ତେ ଭାରପ୍ରାପ୍ତ ଅଧିକାରୀ, ଆଠଗଡ଼ ଥାନାଙ୍କୁ ଅନୁରୋଧ କରାଗଲା ।

Balang 6/3/25

ନିର୍ବାହୀ ଅଧିକାରୀ

ଆଠଗଡ଼ ଏନ୍.ଏ.ସି

ପରିପତ୍ର ସଂଖ୍ୟା ୪୭୬ ତାରିଖ- ୦୬.୦୩.୨୦୨୫.

ଏହାର ଏକକୀତା ନକଲ ଡ଼େପୁଟି ଡାଇରେକ୍ଟର, ସୂଚନା ଓ ଲୋକସଂପର୍କ ବିଭାଗ, ଓଡ଼ିଶା, ଭୁବନେଶ୍ୱରଙ୍କ ଅବଗତି ଏବଂ ସ୍ଥାନୀୟ ଦୁଇଗୋଟି ଦୈନିକ ଓଡ଼ିଆ ଖବରକାଗଜରେ ତା.୧୧.୦୩.୨୦୨୫ ରିଖ ପୂର୍ବରୁ ପ୍ରକାଶନ କରିବା ନିମନ୍ତେ ବିହୀତ ପଦକ୍ଷେପ ନେବାପାଇଁ ଅନୁରୋଧ କରାଗଲା ।

Balang 6/3/25

ନିର୍ବାହୀ ଅଧିକାରୀ

ଆଠଗଡ଼ ଏନ୍.ଏ.ସି

ପରିପତ୍ର ସଂଖ୍ୟା ୪୭୭. ତାରିଖ- ୦୬.୦୩.୨୦୨୫.

ଏହାର ଏକକୀତା ନକଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ଼ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଟ୍‌କା ଜାରୀ କରାଗଲା ।

Balang 6/3/25

ନିର୍ବାହୀ ଅଧିକାରୀ

ଆଠଗଡ଼ ଏନ୍.ଏ.ସି

Scanned with OKEN Scanner